## ମହିଳା ଏବଂ ଶିଶୁ ବିକାଶ ବିଭାଗ

## ଅଧ୍ୟାୟ 4: ରାଜ୍ୟରେ ଶିଶୁ ଯତ୍ନ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକାରିତା

### 4.1 ଉପକ୍ରମ

ଏକ ଅନାଥ ଆଶ୍ରମ ହେଉଛି ଏକ ଅନୁଷ୍ଠାନ ଯାହାକି ପିତାମାତାଙ୍କୁ ହରାଇଥିବା ପିଲା କିମ୍ବା ନିର୍ଯାତିତ, ପରିତ୍ୟକ୍ତ କିମ୍ବା ସାଧାରଣ ଭାବରେ ଅବହେଳିତ ପିଲାମାନଙ୍କ ମାନଙ୍କର ଯତ୍ନ ପାଇଁ ଉତ୍ସର୍ଗୀକୃତ । ପୋଷ୍ୟ-ଯତ୍ନ ଏବଂ ପୋଷ୍ୟ ସନ୍ତାନ ଗ୍ରହଣର ଏକ ନିମ୍ନ ବିକଳ୍ପ ଭାବରେ ଦେଖାଯାଉଥିବା ଏହି ଅନାଥ ଆଶ୍ରମଗୁଡ଼ିକ ବ୍ୟକ୍ତିଗତ ଭାବରେ କିମ୍ବା ସର୍ବସାଧାରଣଙ୍କ ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ହୋଇପାରେ କିମ୍ବା ଧାର୍ମିକ ସଂଗଠନ ଦ୍ୱାରା ପରିଚାଳିତ ହୋଇପାରେ । ଅନାଥ ଆଶ୍ରମ ଗୁଡିକର ପ୍ରଭାବୀ ପରିଚାଳନା ନିମନ୍ତେ ଏକ ଶିଶୁକୁ ପରିତ୍ୟାଗ କିମ୍ବା ଅବହେଳାରୁ ସୃଷ୍ଟ ଅନେକ ଜଟିଳ ସମସ୍ୟାର ଅଭିନବ ସମାଧାନ ଆବଶ୍ୟକ । ଅନାଥ ପିଲାମାନଙ୍କ ସୁସ୍ଥତାକୁ ସୁନିଶ୍ଚିତ କରିବା ପାଇଁ ଅନାଥାଶ୍ରମ ଏବଂ ଅନ୍ୟାନ୍ୟ ଚାରିଟେବୁଲ ହୋମ୍ (ସୁପରଭିଜନ୍ ଆଣ୍ଡ କଣ୍ଟ୍ରୋଲ) ଅଧିନିୟମ, 1960 ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିଲା, ଯାହାର ମୂଳ ଉଦ୍ଦେଶ୍ୟ ଥିଲା ନିୟନ୍ତ୍ରଣ ବୋର୍ଡ ଗଠନ ମାଧ୍ୟମରେ ଗୃହ ଗୁଡ଼ିକର ତଦାରଖ ଓ ନିୟନ୍ତ୍ରଣ କରିବା ।

ଭାରତ ସରକାର 2006 ରେ ସଂଶୋଧିତ ଜୁଭେନାଇଲ୍ ଜଷ୍ଟିସ୍ (କେୟାର ଆଣ୍ଡ ପ୍ରୋଟେକ୍ସନ୍ ଅଫ୍ ଚିଲ୍ଡ୍ରେନ୍) ଅଧିନିୟମ, 2000 (ଜେଜେ ଅଧିନିୟମ) ମଧ୍ୟ ପ୍ରଣୟନ କରିଥିଲେ, ଯାହା ଉଭୟ ରାଜ୍ୟ ତଥା ଜିଲ୍ଲା ସ୍ତରରେ ଶିଶୁ ସୁରକ୍ଷା ୟୁନିଟ୍ ଗଠନ ବିଷୟ ଉଲ୍ଲେଖ କରିଥାଏ । ପରବର୍ତ୍ତୀ ସମୟରେ, ଏହି ଅଧିନିୟମକୁ ଜୁଭେନାଇଲ୍ ଜଷ୍ଟିସ୍ ଅଧିନିୟମ, 2015 ଦ୍ୱାରା ବଦଳା ଯାଇଥିଲା ।

2009 ରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା, ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା (ଆଇସିପିଏସ୍) ପ୍ରବର୍ତ୍ତିତ ହୋଇଥିଲା ଯାହା ସରକାରୀ-ସିଭିଲ୍ ସୋସାଇଟି ଭାଗିଦାରୀ ମାଧ୍ୟମରେ କଷ୍ଟସାଧ୍ୟ ପରିସ୍ଥିତିରେ ପିଲାମାନଙ୍କ ପାଇଁ ତଥା ଅନ୍ୟ ଅସୁରକ୍ଷିତ ପିଲାମାନଙ୍କ ପାଇଁ ସୁରକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲା । ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ମାର୍ଗଦର୍ଶିକା ନୀତି, ଆଉଟ୍‌ପୁଟ୍ ଏବଂ ଫଳାଫଳ ସୂଚକାଙ୍କ ଅନ୍ତର୍ଭୁକ୍ତ ପୂର୍ବକ ସଂଶୋଧିତ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା ପାଇଁ ଭାରତ ସରକାର ମାର୍ଗଦର୍ଶିକା ଜାରି କରିଥିଲେ (ମାର୍ଚ୍ଚ 2014) ।

ଓଡ଼ିଶା ସରକାର (ଜିଓଓ) ଜୁଭେନାଇଲ୍ ଜଷ୍ଟିସ୍ (ଶିଶୁମାନଙ୍କର ଯତ୍ନ ଏବଂ ସୁରକ୍ଷା) ଓଡ଼ିଶା ନିୟମ, 2002 ପ୍ରଣୟନ କରିଥିଲେ ଯାହା 2009 ଏବଂ 2018 ରେ ସଂଶୋଧିତ ହୋଇଥିଲା । ଶିଶୁମାନଙ୍କ ରହିବା ପାଇଁ ଶିଶୁ ଯତ୍ନ ପ୍ରତିଷ୍ଠାନ (ସିସିଆଇ) ପ୍ରତିଷ୍ଠା ପାଇଁ ଏହି ନିୟମରେ ବ୍ୟବସ୍ଥା ଥିଲା । ମାର୍ଚ୍ଚ 2021 ସୁଦ୍ଧା, ରାଜ୍ୟରେ 238 ସିସିଆଇ କାର୍ଯ୍ୟ କରୁଥିଲା । ସିସିଆଇର ପ୍ରକାର ଏବଂ ଏଥିରେ ରଖାଯାଇଥିବା ନାବାଳକଙ୍କ ପ୍ରକାର ନିମ୍ନ ସାରଣୀରେ ସୂଚିତ କରାଯାଇଛି:

***ସାରଣୀ 4.1: ସିସିଆଇର ପ୍ରକାର ଏବଂ ନାବାଳକମାନଙ୍କର ପ୍ରକୃତି***

| ସିସିଆଇର ପ୍ରକାର | ନାବାଳକ ମାନଙ୍କର ପ୍ରକାର |
|---|---|
| ଖୋଲା ଆଶ୍ରୟସ୍ଥଳ (ଓଏସ୍) | ଦୁର୍ବ୍ୟବହାରରୁ ରକ୍ଷା କରିବା କିମ୍ବା ସ୍ତନ୍ୟପାନ କରାଇବା କିମ୍ବା ରାସ୍ତାକଡ଼ ଜୀବନରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ, ସ୍ୱଳ୍ପ ମିଆଦି ଭିତ୍ତିରେ, ବୟସ ନିର୍ବିଶେଷରେ, ଆବାସିକ ସହାୟତା ଆବଶ୍ୟକ କରୁଥିବା ପିଲାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଏକ ଶିଶୁକୁ ଏକ ବର୍ଷରୁ ଅଧିକ ସମୟ ପାଇଁ ଏକ ଓଏସ୍‌ରେ ରଖାଯାଇପାରିବ ନାହିଁ । |
| ଶିଶୁ ଗୃହ (ସିଏଚ୍) | ଯତ୍ନ, ଚିକିତ୍ସା, ଶିକ୍ଷା, ତାଲିମ, ବିକାଶ ଏବଂ ପୁନର୍ବାସ ପାଇଁ ସୁରକ୍ଷା ଆବଶ୍ୟକ କରୁଥିବା ଛଅରୁ 18 ବର୍ଷ ବୟସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ । |
| ବିଶେଷଜ୍ଞ ପୋଷ୍ୟ ଏଜେନ୍ସି (ଏସ୍ଏଏ) | ଛଅ ବର୍ଷରୁ କମ୍ ପୋଷ୍ୟ ସନ୍ତାନମାନଙ୍କ ପାଇଁ ଉଦ୍ଦିଷ୍ଟ (ଏକ ପୋଷ୍ୟ ସନ୍ତାନ ହେଉଛି ସିଏ, ଯାହାର ପିତାମାତାଙ୍କର ମୃତ୍ୟୁ ଘଟିଛି କିମ୍ବା ତାଙ୍କୁ ପରିତ୍ୟାଗ କରାଯାଇଛି କିମ୍ବା ଛାଡ଼ି ଦିଆଇଥିବା ହେତୁ ପ୍ରକୃତ ପିତାମାତାଙ୍କ ଠାରୁ ସ୍ଥାୟୀ ଭାବରେ ଅଲଗା ହୋଇଥିବ । |
| ପର୍ଯ୍ୟବେକ୍ଷଣ ଗୃହ (ଓଏଚ୍) | ଅନୁସନ୍ଧାନ ସମୟରେ ଆଇନ ଜନିତ ଦ୍ୱନ୍ଦ୍ୱ ଅଭିଯୁକ୍ତ ନାବାଳକମାନଙ୍କ ପାଇଁ ଆଇନ୍ ଦୃଷ୍ଟିରୁ ବିବାଦୀୟ ନାବାଳାକ ମାନଙ୍କ ଅସ୍ଥାୟୀ ରହଣି ଆଇଁ ଉଦ୍ଦିଷ୍ଟ । |
| ସ୍ୱତନ୍ତ୍ର ଗୃହ (ଏସ୍ଏଚ୍) | ଆଇନ୍ ଜନିତ ଦ୍ୱନ୍ଦ୍ୱରେ ଥିବା ନାବାଳକାମାନଙ୍କ ପାଇଁ ଉଦ୍ଦିଷ୍ଟ । |

***(ଉତ୍ସ: ଜୁଭେନାଇଲ୍ ଜଷ୍ଟିସ୍ ଅଧିନିୟମ, 2015)***

ଓଡ଼ିଶାରେ, ରାଜ୍ୟ ସ୍ତରରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟି (ଓଏସ୍‌ସିପିଏସ୍) ଏବଂ ଜିଲ୍ଲା ସ୍ତରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ମାଧ୍ୟମରେ ଆଇସିପିଏସ୍ ଲାଗୁ ହୋଇଛି । ଓଡ଼ିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ (ଡବ୍ଲୁଏଣ୍ଡସିଡି) ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଓଏସ୍‌ସିପିଏସ୍ କାର୍ଯ୍ୟ କରିଥାଏ । ଡବ୍ଲୁଏଣ୍ଡସିଡିର ନିର୍ଦ୍ଦେଶକ ମଧ୍ୟ ଓଏସ୍‌ସିପିଏସ୍‌ର ନିର୍ଦ୍ଦେଶକ ଏବଂ ଡିସିପିୟୁର କାର୍ଯ୍ୟର ତଦାରଖ ପାଇଁ ଦାୟୀ । ପ୍ରତ୍ୟେକ ଡିସିପିୟୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କ ଦ୍ୱାରା ପରିଚାଳିତ । ପ୍ରତ୍ୟେକ ଜିଲ୍ଲାର ଡିସିପିୟୁ ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ମୌଳିକ ୟୁନିଟ୍ ଭାବରେ କାର୍ଯ୍ୟ କରେ । ଡିସିପିୟୁକୁ ଜିଲ୍ଲା ସ୍ତରରେ ସମସ୍ତ ଶିଶୁ ଅଧିକାର ଏବଂ ସୁରକ୍ଷା କାର୍ଯ୍ୟକଳାପକୁ ସଂଯୋଜନା ଏବଂ କାର୍ଯ୍ୟକାରୀ କରିବାକୁ ପଡ଼େ ।

ଡବ୍ଲୁଏଣ୍ଡସିଡି ବିଭାଗ ଦ୍ୱାରା 2012 ରେ ଅନୁଷ୍ଠାନଗୁଡ଼ିକ ପାଇଁ ଜାରି କରାଯାଇଥିବା ଏହି କାର୍ଯ୍ୟକାରୀ ମାର୍ଗଦର୍ଶିକା ଅନୁଯାୟୀ ରାଜ୍ୟରେ ସିସିଆଇ ଗୁଡ଼ିକର କାର୍ଯ୍ୟକାରିତା ନିୟନ୍ତ୍ରିତ ହେଉଛି ।

ଭିତ୍ତିଭୂମିର ସ୍ଥିତି, ସେବା ତଥା ପର୍ଯ୍ୟାଲୋଚନା ପ୍ରକ୍ରିୟା ଉପରେ ଧ୍ୟାନ ଦେଇ ସିସିଆଇ ଗୁଡ଼ିକର କାର୍ଯ୍ୟକାରିତାକୁ ଆକଳନ କରିବା ପାଇଁ 2016-17 ରୁ 2020-21 ଅବଧିକୁ ପରିସରଭୁକ୍ତ କରି ଜାନୁଆରୀ ରୁ ଅପ୍ରେଲ 2021 ଏବଂ ଜୁଲାଇ ରୁ ସେପ୍ଟେମ୍ବର 2021 ମଧ୍ୟରେ ଅଡିଟ୍ ପରିଚାଳନା କରାଯାଇଥିଲା । ଅଡିଟ୍ ସମୟରେ, ଡବ୍ଲୁଆଣ୍ଡସିଡି ବିଭାଗ, ଓଏସ୍‌ସିପିଏସ୍ ଏବଂ 30 ଟି ଡିସିପିୟୁ[1] ମଧ୍ୟରୁ ଆଠଟିର ରେକର୍ଡ ଯାଞ୍ଚ କରାଯାଇଥିଲା । ବିଚାରଗତ ନମୁନା ସଂଗ୍ରହ ଆଧାରରେ ଆଠଟି ଡିସିପିୟୁକୁ ଚୟନ କରାଯାଇଥିଲା । ଏହା ବ୍ୟତୀତ, ଅଡିଟ୍, ରେକର୍ଡଗୁଡ଼ିକ ମଧ୍ୟ ଯାଞ୍ଚ କରିଥିଲା ଏବଂ ପରୀକ୍ଷା ଯାଞ୍ଚ ହୋଇଥିବା ଜିଲ୍ଲାଗୁଡ଼ିକରେ 93 ଟି ସିସିଆଇ ମଧ୍ୟରୁ 60 ଟିର ମିଳିତ ଭୌତିକ ଯାଞ୍ଚ କରିଥିଲା । ପରୀକ୍ଷା ଯାଞ୍ଚ ସିସିଆଇ ମଧ୍ୟରେ 43 ଟି ଶିଶୁ ଗୃହ, ଦୁଇଟି ପର୍ଯ୍ୟବେକ୍ଷଣ ଗୃହ, ଆଠଟି ଖୋଲା ଆଶ୍ରୟ ସ୍ଥଳ ଏବଂ ସାତଟି ସ୍ୱତନ୍ତ୍ର ପୋଷଣ ଏଜେନ୍ସି ଅନ୍ତର୍ଭୁକ୍ତ । ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି:

## 4.2 ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ

ଉଭୟ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଠାରୁ ଆର୍ଥିକ ସହାୟତା ସହିତ ଆଇସିପିଏସ୍ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି । ପ୍ରକଳ୍ପ ଉପାଦାନଗୁଡ଼ିକ[2] ଉପରେ ନିର୍ଭର କରି କେନ୍ଦ୍ରୀୟ ସହାୟତାର ଅଂଶ 35 ରୁ 90 ପ୍ରତିଶତ ମଧ୍ୟରେ ରହିଥାଏ । 2016-17 ରୁ 2020-21 ମଧ୍ୟରେ ପାଞ୍ଚ ବର୍ଷ ମଧ୍ୟରେ ଓଏସ୍‌ସିପିଏସ୍ ଦ୍ୱାରା ପାଣ୍ଠିର ପ୍ରାପ୍ତି ଏବଂ ବ୍ୟବହାର ନିମ୍ନ **ସାରଣୀ 4.2** ରେ ଦର୍ଶାଯାଇଛି:

***ସାରଣୀ 4.2: 2016 ରୁ 2021 ମଧ୍ୟରେ ଓଏସ୍‌ସିପିଏସ୍ ଦ୍ୱାରା ପାଣ୍ଠିର ପ୍ରାପ୍ତି ଏବଂ ବିନିଯୋଗ***

***(ଟଙ୍କା କୋଟିରେ)***

| ବର୍ଷ | ପ୍ରାରମ୍ଭିକ ଜମା | କେଉଁଠାରୁ ପ୍ରାପ୍ତି | | ସୁଧ ଏବଂ ଅନ୍ୟାନ୍ୟ ପ୍ରାପ୍ତି | ସମୁଦାୟ ଉପଲବ୍ଧ ପାଣ୍ଠି | ବିନିଯୋଗ | ବିନିଯୋଗର ପ୍ରତିଶତ | ଅବଶେଷ ଜମା |
|---|---|---|---|---|---|---|---|---|
| | | ଭାରତ ସରକାର | ଓଡ଼ିଶା ସରକାର | | | | | |
| 2016-17 | 40.00 | 22.79 | 16.07 | 3.07 | 81.93 | 57.74 | 70.47 | 24.19 |
| 2017-18 | 24.19 | 18.15 | 13.73 | 6.40 | 62.47 | 29.47 | 47.17 | 33.00 |
| 2018-19 | 33.00 | 41.22 | 34.38 | 2.33 | 110.93 | 49.82 | 44.91 | 61.11 |
| 2019-20 | 61.11 | 35.41 | 27.57 | 5.19 | 129.28 | 47.52 | 36.76 | 81.76 |
| 2020-21 | 81.76 | 37.64 | 27.56 | 23.80 | 170.76 | 53.96 | 31.60 | 116.80 |
| ମୋଟ | -- | **155.21** | **119.31** | **40.79** | -- | **238.51** | | -- |

***(ଉତ୍ସ: ଓଏସ୍‌ସିପିଏସ୍ ଦ୍ୱାରା ଦିଆଯାଇଥିବା ସୂଚନା)***

[1] କଟକ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୁରଭଞ୍ଜ ଏବଂ ପୁରୀ

[2] 90 ପ୍ରତିଶତ: ଏନ୍‌ଜିଓ ଦ୍ୱାରା ପରିଚାଳିତ ଖୋଲା ଆଶ୍ରୟସ୍ଥଳ; 75 ପ୍ରତିଶତ: ରାଜ୍ୟ ପ୍ରକଳ୍ପ ସହାୟତା ୟୁନିଟ୍‌ର ସମସ୍ତ ନିର୍ମାଣ ଉପାଦାନ, ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟି, ରାଜ୍ୟ ପୋଷ୍ୟ ସମ୍ପଦ ଏଜେନ୍ସି ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସରକାରଙ୍କ ଦ୍ୱାରା ପରିଚାଳିତ, ସମସ୍ତ ଗୃହ/ ସ୍ୱତନ୍ତ୍ର ପୋଷ୍ୟ ଏଜେନ୍ସି (ଏସ୍‌ଏଏ), ଏନ୍‌ଜିଓ ଦ୍ୱାରା ପରିଚାଳିତ ସମସ୍ତ ଗୃହ/ ଏସ୍‌ଏଏ; 35 ପ୍ରତିଶତ: ଜେଜେ ଅଧିନିୟମ ଅନୁଯାୟୀ ସୃଷ୍ଟି ନିୟାମକ ସଂସ୍ଥା

ଉପରୋକ୍ତ ସାରଣୀରୁ ଦେଖାଯାଏ ଯେ, ଉପଲବ୍ଧ ପାଣ୍ଠିର ବ୍ୟବହାର ପ୍ରତିଶତ କ୍ରମାଗତ ଭାବରେ 2016-17 ରେ 70.47 ପ୍ରତିଶତରୁ 2020-21 ରେ 31.60 ପ୍ରତିଶତକୁ ହ୍ରାସ ପାଇଥିଲା । ଅଡିଟ୍ ଜାଣିବାକୁ ପାଇଲା ଯେ 13 ଟି ଉପାଦାନର ଅବ୍ୟବହୃତ ପାଣ୍ଠି ପ୍ରତ୍ୟେକ ଉପାଦାନରେ ଏକ କୋଟି ଟଙ୍କାରୁ ଅଧିକ ଥିଲା ଯାହା ***ପରିଶିଷ୍ଟ 4.1*** ରେ ଦର୍ଶାଯାଇଛି । ବିଶେଷକରି ଭିତ୍ତିଭୂମି ଏବଂ ସିସିଆଇ ଗୁଡ଼ିକରେ ମାନବ ସମ୍ବଳର ନିରନ୍ତର ଅଭାବ ଏବଂ ଅଡିଟ୍ ସମୟରେ ଲକ୍ଷ୍ୟ କରାଯାଇଥିବା ସେବା ପ୍ରଦାନଜନିତ ତ୍ରୁଟି ଦୃଷ୍ଟିରୁ ଓଏସ୍‌ସିପିଏସ୍ ନିକଟରେ ଉପଲବ୍ଧ ପାଣ୍ଠିର ବିନିଯୋଗ ନହେବା ଯଥାର୍ଥ ନଥିଲା ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

## 4.3 ରାଜ୍ୟରେ ଆଇସିପିଏସ୍ କାର୍ଯ୍ୟକାରୀ ପାଇଁ ଯୋଜନା

ମାର୍ଚ୍ଚ 2014 ରେ ଜାରି ହୋଇଥିବା ଆଇସିପିଏସ୍ ମାର୍ଗଦର୍ଶିକାରେ ଏହି ଯୋଜନାର ଉଦ୍ଦେଶ୍ୟ ଏବଂ ଫଳାଫଳ ସୂଚକାଙ୍କ ଉଲ୍ଲେଖିତ । ଜରୁରୀକାଳୀନ ସହାୟତା, ଆନୁଷ୍ଠାନିକ ଯତ୍ନ, ପରିବାର ଏବଂ ସମ୍ପ୍ରଦାୟ ଭିତ୍ତିକ ଯତ୍ନ, ପରାମର୍ଶ ଏବଂ ସହାୟତା ସେବା, ଶିଶୁ ସୁରକ୍ଷା ସେବା ପାଇଁ ଡାଟାବେସ୍ ଏବଂ ଜ୍ଞାନ ଆଧାର ସୃଷ୍ଟି, ଅନୁସନ୍ଧାନ ଏବଂ ଡକ୍ୟୁମେଣ୍ଟେସନ୍ କରିବା, ଶିଶୁ ଅଧିକାର ଉପରେ ଜନସାଧାରଣଙ୍କୁ ଶିକ୍ଷା ଦେବା ଇତ୍ୟାଦିକୁ ଦୃଢ଼ କରିବା ଆଇସିପିଏସ୍‌ର ବ୍ୟାପକ ଉଦ୍ଦେଶ୍ୟ ଥିଲା । ମାର୍ଗଦର୍ଶିକା ଅନୁଯାୟୀ ବିପଦରେ ଥିବା ଶିଶୁ ଏବଂ ପରିବାରଙ୍କ ପାଇଁ ଆବଶ୍ୟକତା ଏବଂ ସେବାଗୁଡ଼ିକର ଚିହ୍ନଟ ଏବଂ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଶିଶୁ ସୁରକ୍ଷା ଯୋଜନା ପ୍ରସ୍ତୁତି ଆବଶ୍ୟକ ଯାହାକି ଧୀରେ ଧୀରେ ବ୍ଲକ୍ ଏବଂ ସମ୍ପ୍ରଦାୟ ସ୍ତରରେ ସମ୍ପ୍ରସାରିତ ହେବ । ରାଜ୍ୟରେ ଆଇସିପିଏସ୍ ଲାଗୁ କରିବା ପାଇଁ ଯୋଜନାରେ ଅଡିଟ୍ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରିଥିଲା ।

### *4.3.1 ବେସ୍ ଲାଇନ୍ ସର୍ବେକ୍ଷଣ ଏବଂ ପିଲାମାନଙ୍କର ସ୍ଥିତିଗତ ବିଶ୍ଳେଷଣ ନହେବା:*

ଶିଶୁମାନଙ୍କ ପାଇଁ ଜାତୀୟ ଚାର୍ଟର 2003 ରେ, ଶିଶୁ ମାନଙ୍କ ପ୍ରତି ରାଜ୍ୟ ତଥା ସମାଜର ଦାୟିତ୍ୱ ନିମ୍ନମତେ ଘୋଷିତ ହୋଇଛି:

(କ) ବଞ୍ଚିବା, ଜୀବନ ଏବଂ ସ୍ୱାଧୀନତାକୁ ସୁନିଶ୍ଚିତ କରିବା;

(ଖ) ଉଚ୍ଚମାନର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିର ପ୍ରସାର;

(ଗ) ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ପିଲାମାନଙ୍କୁ ପରିପୂରକ ପୁଷ୍ଟି, ପରିମଳ ଏବଂ ସ୍ୱଚ୍ଛତା ଯୋଗାଇବା;

(ଘ) ମୌଳିକ ସର୍ବନିମ୍ନ ଆବଶ୍ୟକତା ଏବଂ ସୁରକ୍ଷା (ସାମାଜିକ ଏବଂ ଶାରୀରୀକ);

(ଙ) ଖେଳ ଏବଂ ଅବକାଶ;

(ଚ) ବଞ୍ଚିବା, ଅଭିବୃଦ୍ଧି ଏବଂ ବିକାଶ ପାଇଁ ବାଲ୍ୟକାଳର ଯତ୍ନ;

(ଛ) ମାଗଣା ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା; ଏବଂ

(ଜ) ଅର୍ଥନୈତିକ ଶୋଷଣ ଏବଂ ସମସ୍ତ ପ୍ରକାରର ଅପବ୍ୟବହାରରୁ ସୁରକ୍ଷା ।

ଉପରୋକ୍ତ ମଧ୍ୟରୁ ସମସ୍ତ କିମ୍ବା ଗୋଟିଏରୁ ବଞ୍ଚିତ ଶିଶୁକୁ ଏକ ଅସୁରକ୍ଷିତ ଶିଶୁ ଭାବରେ ବିବେଚନା କରାଯାଏ । ଆଇସିପିଏସ୍ ମାର୍ଗଦର୍ଶିକାରେ ଦର୍ଶାଯାଇଛି ଯେ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ଦ୍ୱାରା ମନୋନୀତ ଜିଲ୍ଲାମାନଙ୍କରେ ଡିସିପିୟୁ ଦ୍ୱାରା ବେସ୍‌ଲାଇନ୍ ସର୍ଭେ କରାଯିବା ଉଚିତ୍ । ଏହି ସର୍ବେକ୍ଷଣଗୁଡ଼ିକ ଅସୁରକ୍ଷିତ ପିଲାମାନଙ୍କୁ ଚିହ୍ନଟ କରିବ ଏବଂ ସେମାନଙ୍କର ଯତ୍ନ ଏବଂ ବିକାଶ ପାଇଁ ଆବଶ୍ୟକତାକୁ ଆକଳନ କରିବ । ରାଜ୍ୟ ତଥା ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଭାବ ଆକଳନ ଏବଂ କାର୍ଯ୍ୟପଦ୍ଧତିର ସଂଶୋଧନ ପାଇଁ ଏହିପରି ସର୍ବେକ୍ଷଣ ମଧ୍ୟ ବ୍ୟବହୃତ ହୋଇପାରେ ।

ପରୀକ୍ଷା ଯାଞ୍ଚ ଡିସିପିୟୁ ଗୁଡ଼ିକ ଦ୍ୱାରା ଅସୁରକ୍ଷିତ ପିଲାମାନଙ୍କର ଚିହ୍ନଟ ଏବଂ ସେମାନଙ୍କର ଆନୁଷ୍ଠାନିକରଣ ସହିତ ବେସ୍‌ଲାଇନ୍ ସର୍ଭେ କରିବାର ସ୍ଥିତି ନିମ୍ନ **ସାରଣୀ 4.3** ରେ ଦର୍ଶାଯାଇଛି:

***ସାରଣୀ 4.3: ପରୀକ୍ଷା ଯାଞ୍ଚ ଜିଲ୍ଲା ଦ୍ୱାରା ପରିଚାଳିତ ବେସ୍‌ଲାଇନ୍ ସର୍ବେକ୍ଷଣକୁ ଦର୍ଶାଉଥିବା ବିବରଣୀ***

| କ୍ର. ସଂ. | ଜିଲ୍ଲାଗୁଡ଼ିକର ନାମ | ବେସ୍‌ଲାଇନ୍ ସର୍ଭେରେ ଚିହ୍ନଟ ହୋଇଥିବା ଅସୁରକ୍ଷିତ ପିଲାମାନଙ୍କ ସମୁଦାୟ ସଂଖ୍ୟା | | | | | ଚିହ୍ନଟ ପିଲାମାନଙ୍କର ମୋଟ ସଂଖ୍ୟା | ପିଲାମାନଙ୍କର ମୋଟ ସଂଖ୍ୟା |
|---|---|---|---|---|---|---|---|---|
| | | **2016-17** | **2017-18** | **2018-19** | **2019-20** | **2020-21** | | |
| 1 | କଟକ | - | - | - | 12,347 | - | 12,347 | 4 |
| 2 | ଗଞ୍ଜାମ | - | - | - | 1,728 | - | 1,728 | 6 |
| 3 | ଝାରସୁଗୁଡ଼ା | 66 | 95 | 90 | 480 | 4281 | 5,012 | 312 |
| 4 | କଳାହାଣ୍ଡି | - | - | - | 16,574 | - | 16,574 | 13 |
| 5 | ଖୋର୍ଦ୍ଧା | - | - | - | 7,534 | - | 7,534 | 14 |
| 6 | କୋରାପୁଟ | 21,375 | - | - | 19,034 | - | 40,409 | 545 |
| 7 | ଉମ୍ଯୁରଭଞ୍ଜ | - | - | - | 3,838 | - | 3,838 | 905 |
| 8 | ପୁରୀ | - | - | - | 6,271 | 152 | 6,423 | 174 |
| | ମୋଟ | | | | | | **93,865** | **1,973** |

***(ଉତ୍ସ: ସଂପୃକ୍ତ ଡିସିପିୟୁ ଦ୍ୱାରା ଦିଆଯାଇଥିବା ସୂଚନା)***

ଅଡିଟ୍ ଲକ୍ଷ୍ୟ କଲେ ଯେ:

- ମହିଳା ଏବଂ ଶିଶୁ ବିକାଶ ବିଭାଗ ନିୟମିତ ଭାବେ ରାଜ୍ୟରେ ବେସ୍‌ଲାଇନ୍ ସର୍ଭେ କରିବା ପାଇଁ ଜିଲ୍ଲା ଚିହ୍ନଟ କରୁନଥିଲେ । 2016-17 ରୁ 2018-19 ପର୍ଯ୍ୟନ୍ତ ତିନି ବର୍ଷ ମଧ୍ୟରେ, ଏହି ଉଦ୍ଦେଶ୍ୟରେ କୌଣସି ଜିଲ୍ଲା ଚିହ୍ନଟ ହୋଇନଥିଲା । କେବଳ ଗୋଟିଏ ଡିସିପିୟୁ 2016-17 ରୁ 2020-21 ମଧ୍ୟରେ ନିଜ ତରଫରୁ ସର୍ଭେ କରିଥିଲେ । ଡିସିପିୟୁ, କୋରାପୁଟ 2016-17 ରେ ସର୍ଭେ କରିଥିଲେ ଏବଂ 21,375 ଅସୁରକ୍ଷିତ ପିଲାଙ୍କୁ ଚିହ୍ନଟ କରିଥିଲେ । କେବଳ ସେପ୍ଟେମ୍ବର 2019 ରେ ବିଭାଗ ସମସ୍ତ ଜିଲ୍ଲାକୁ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ, ଫଳସ୍ୱରୂପ ସମସ୍ତ ଆଠଟି ପରୀକ୍ଷା ଯାଞ୍ଚ ଡିସିପିୟୁ ଗୁଡ଼ିକ 2019-20 ମଧ୍ୟରେ ସର୍ଭେ ପରିଚାଳନା କରିଥିଲେ । ଏହିପରି ଭାବରେ, ଅସୁରକ୍ଷିତ ପିଲାମାନଙ୍କର ଚିହ୍ନଟ ପାଇଁ ଯୋଜନା ଏବଂ ବାର୍ଷିକ ସର୍ବେକ୍ଷଣ ଭିତ୍ତିରେ ପ୍ରଭାବ ଆକଳନ ସହିତ ଜଡ଼ିତ ଆଇସିପିଏସ୍‌ର ମାର୍ଗଦର୍ଶିକା ବିଭାଗ ଦ୍ୱାରା ପାଳନ କରାଯାଇ ନଥିଲା ।

- ଆହୁରି ମଧ୍ୟ, ଏହି ବେସ୍‌ଲାଇନ୍ ସର୍ବେକ୍ଷଣରେ ଅସୁରକ୍ଷିତ ଭାବେ ଚିହ୍ନଟ ହୋଇଥିବା ମୋଟ 93,865 ପିଲାଙ୍କ ମଧ୍ୟରୁ କେବଳ 1,973 ପିଲା (ଦୁଇ ପ୍ରତିଶତ) ଡିସିପିୟୁ ଦ୍ୱାରା ବିଭିନ୍ନ ସିସିଆଇ ରେ ରଖାଯାଇଥିଲା । ଚିହ୍ନିତ ହୋଇଥିବା ବହୁ ସଂଖ୍ୟକ ଅସୁରକ୍ଷିତ ଶିଶୁମାନଙ୍କ ମଧ୍ୟରୁ ସିସିଆଇ ଗୁଡ଼ିକରେ ଯତ୍ନ ପାଇଁ ଶିଶୁମାନଙ୍କୁ ଚୟନ କରିବାରେ ବ୍ୟବହୃତ ନିର୍ଦ୍ଦିଷ୍ଟ ମାନଦଣ୍ଡ ଗୁଡ଼ିକ ଅଡିଟକୁ ଅବଗତ କରାଯାଇନଥିଲା ।

- ଆଇସିପିଏସ୍ ମାର୍ଗଦର୍ଶିକା ଅନୁଯାୟୀ, ଡିସିପିୟୁର ଗୋଟିଏ କାର୍ଯ୍ୟ ହେଉଛି କଠିନ ପରିସ୍ଥିତିରେ ଥିବା ପିଲାଙ୍କ ସଂଖ୍ୟା ଆକଳନ କରିବା ଏବଂ କଠିନ ପରିସ୍ଥିତିରେ ପିଲାମାନଙ୍କର ଧାରା ଏବଂ ଢାଞ୍ଚା ଉପରେ ନଜର ରଖିବା ପାଇଁ ଜିଲ୍ଲା ନିର୍ଦ୍ଦିଷ୍ଟ ଡାଟାବେସ୍ ସୃଷ୍ଟି କରିବା । ତଥାପି, ଅଡିଟ୍ ଦେଖିଲା ଯେ, 2016-17 ରୁ 2020-21 ମଧ୍ୟରେ ହୋଇଥିବା ପରୀକ୍ଷା ଯାଞ୍ଚ ଜିଲ୍ଲାଗୁଡ଼ିକରେ କରାଯାଇଥିବା ସର୍ବେକ୍ଷଣ ଭିତ୍ତିରେ ଏପରି କୌଣସି ଡାଟାବେସ୍ ସୃଷ୍ଟି କରାଯାଇ ନଥିଲା ।

- ଆଇସିପିଏସ୍ ମାର୍ଗଦର୍ଶିକା ଅନୁଯାୟୀ, ପ୍ରତ୍ୟେକ ଡିସିପିୟୁ ଅଧୀନରେ ଥିବା ସୁରକ୍ଷା ଅଧିକାରୀ (ପିଓ) ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଏବଂ ନୀତିର ପ୍ରଭାବୀ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବେ । କଷ୍ଟସାଧ ପରିସ୍ଥିତିରେ ପିଲାମାନଙ୍କର ସ୍ଥିତିଗତ ବିଶ୍ଳେଷଣ କରିବା, ସହାୟତା ଆବଶ୍ୟକ କରୁଥିବା ଶିଶୁଙ୍କ ସଂଖ୍ୟା, ଅନୁଷ୍ଠାନରେ ପିଲାଙ୍କ ସଂଖ୍ୟା ଏବଂ ସେମାନେ ଆବଶ୍ୟକ କରୁଥିବା ସେବା ଦୃଷ୍ଟିରୁ ଶିଶୁ ସୁରକ୍ଷା ସମସ୍ୟାର ବିଭିନ୍ନ ଆକାର ଉପରେ ତଥ୍ୟ ସଂଗ୍ରହ ଏବଂ ସଂକଳନ ପାଇଁ ଏହି ପିଓମାନେ ଉତ୍ତରଦାୟୀ । ଅସୁରକ୍ଷିତ ପିଲାମାନଙ୍କର ସ୍ଥିତି ବିଶ୍ଳେଷଣ ଏବଂ ଚିହ୍ନଟ ପାଇଁ

ଓଏସ୍‌ସିପିଏସ୍, 2016-17 ରୁ 2020-21 ମଧ୍ୟରେ 1.20 କୋଟି ଟଙ୍କା ପାଇଥିଲା । କିନ୍ତୁ, ଏହି କାର୍ଯ୍ୟ କରାଯାଇ ନଥିଲା । ପରିସ୍ଥିତି ବିଶ୍ଳେଷଣ ନହେବା ହେତୁ, ବିଭିନ୍ନ ଶିଶୁ ସୁରକ୍ଷା ସେବାର ବର୍ଦ୍ଧିତ ଉପଲବ୍ଧତା ଏବଂ ପହଞ୍ଚ, ବିପଦରେ ଥିବା ଶିଶୁ ଏବଂ ପରିବାରର ଜ୍ଞାନ ଭିତ୍ତି ଭଳି ଫଳସୂଚକ ପ୍ରସ୍ତୁତ କରାଯାଇନଥିଲା । ଅଧିକନ୍ତୁ, ଜିଲ୍ଲାଗୁଡ଼ିକରେ ଉନ୍ନତ ତଥା ଅଧିକ ଧ୍ୟାନ ଦିଆଯାଇଥିବା ଶିଶୁ ସୁରକ୍ଷା ସେବା ଯୋଗାଇ ଦିଆଯାଇ ନଥିଲା ।

ଉତ୍ତରରେ, ଡିସିପିଓମାନେ ବ୍ୟକ୍ତ କରିଥିଲେ (ଅଗଷ୍ଟ/ ସେପ୍ଟେମ୍ବର 2021) ଯେ ବେସ୍‌ଲାଇନ୍ ସର୍ଭେ ସମୟରେ ସଂଗୃହୀତ ତଥ୍ୟ ଆଧାରରେ ପିଲାମାନଙ୍କର କଠିନ ପରିସ୍ଥିତି ଉପରେ ବିଶ୍ଳେଷଣ ହୋଇସାରିଛି ଏବଂ ଏହା ଏକ ନିରନ୍ତର ପ୍ରକ୍ରିୟା ଅଟେ ।

ଉପରୋକ୍ତ ସାରଣୀରେ ପ୍ରଦତ୍ତ ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି ଯେ ସମସ୍ତ ପରୀକ୍ଷା ଯାଞ୍ଚ ଜିଲ୍ଲାଗୁଡିକ ବାର୍ଷିକ ବେସଲାଇନ ସର୍ଭେ କରିନଥିଲେ, ଯେଉଁଥିପାଇଁ ଉତ୍ତର ଗ୍ରହଣୀୟ ନୁହେଁ । ଅଧିକନ୍ତୁ, ସର୍ବେକ୍ଷଣରୁ ଚିହ୍ନଟ ହୋଇଥିବା ଅସୁରକ୍ଷିତ ପିଲାମାନଙ୍କ ମଧ୍ୟରୁ କେବଳ ଦୁଇ ପ୍ରତିଶତ (1,973) ସିସିଆଇରେ ସଂସ୍ଥାପିତ ହୋଇଥିଲେ ।

### *4.3.2 ଶିଶୁ ସୁରକ୍ଷା ପାଇଁ ଆବଶ୍ୟକତା ଭିତ୍ତିକ ଅନୁସନ୍ଧାନ ଏବଂ ସଚେତନତା କାର୍ଯ୍ୟକଳାପର କାର୍ଯ୍ୟକାରୀ ନହେବା*

ସଂଶୋଧିତ ଆଇସିପିଏସ୍ ମାର୍ଗଦର୍ଶିକା, 2014 ର ଚତୁର୍ଥ ଅଧ୍ୟାୟ ଅନ୍ତର୍ଗତ ଅନୁଚ୍ଛେଦ 1.1 ଅନୁଯାୟୀ, ରାଜ୍ୟ ଶିଶୁ ସୁରକ୍ଷା ସମିତିର ନିର୍ଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକ ମଧ୍ୟରେ କଠିନ ପରିସ୍ଥିତିରେ ପିଲାଙ୍କ ସଂଖ୍ୟା ଆକଳନ କରିବା ଏବଂ ଧାରା ତଥା ଢାଞ୍ଚାର ପର୍ଯ୍ୟାଲୋଚନା ପାଇଁ ରାଜ୍ୟ ନିର୍ଦ୍ଦିଷ୍ଟ ଡାଟାବେସ୍ ସୃଷ୍ଟି ପାଇଁ ରାଜ୍ୟ ସ୍ତରରେ ଆବଶ୍ୟକତା ଭିତ୍ତିକ ଅନୁସନ୍ଧାନ ଏବଂ ଦସ୍ତାବିଜ୍ ପ୍ରସ୍ତୁତ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ । ପ୍ରିଣ୍ଟ୍ ତଥା ଇଲେକ୍ଟ୍ରୋନିକ୍ ଗଣ ମାଧ୍ୟମର ବିଭିନ୍ନ ପ୍ରଣାଳୀ ମାଧ୍ୟମରେ ସମୟାନ୍ତରରେ ଶିଶୁ ଅଧିକାର ଓ ସୁରକ୍ଷା ବିଷୟକ ସୂଚନାର ବିସ୍ତାର ଓ ସଚେତନତା ସୃଷ୍ଟି ଓଏସ୍‌ସିପିଏସ୍ ପାଇଁ ବାଧ୍ୟତାମୂଳକ ।

ଅଡିଟ୍, ଓଏସ୍‌ସିପିଏସ୍ ଦ୍ୱାରା ପ୍ରଦାନ କରାଯାଇଥିବା ରେକର୍ଡ ଓ ସୂଚନାକୁ ଯାଞ୍ଚ କଲା ଏବଂ ଲକ୍ଷ୍ୟ କଲା ଯେ:

- ରାଜ୍ୟ ସ୍ତରରେ କୌଣସି ପ୍ରମୁଖ ଅନୁସନ୍ଧାନ ଏବଂ ଦସ୍ତାବିଜ ପ୍ରସ୍ତୁତି କାର୍ଯ୍ୟକଳାପ ଶିଶୁଙ୍କ ସୁରକ୍ଷା ପ୍ରସଙ୍ଗରେ କରାଯାଇ ନଥିଲା ।

- ଶିଶୁ ମାନଙ୍କର ସୁରକ୍ଷା ପ୍ରସଙ୍ଗରେ ଧାରା ଏବଂ ଢାଞ୍ଚା ଉପରେ ନଜର ରଖିବା ପାଇଁ କୌଣସି ରାଜ୍ୟ ନିର୍ଦ୍ଦିଷ୍ଟ ଡାଟାବେସ୍ ସୃଷ୍ଟି କରାଯାଇ ନଥିଲା ।

- 2016-17 ରୁ 2020-21 ଅବଧିରେ କେବଳ ଗୋଟିଏ ଘଟଣାରେ ଶିଶୁ ସୁରକ୍ଷା ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ପାଇଁ ଓଏସ୍‌ସିପିଏସ୍ ଏକ କ୍ଷୁଦ୍ର ଭିଡିଓ ଚଳଚିତ୍ର ପ୍ରସ୍ତୁତ କରିଥିଲା । "ଶିଶୁ ଜନ୍" ଶୀର୍ଷକ ଚଳଚିତ୍ରଟି ଓଡ଼ିଶା ସରକାର, ସୂଚନା ଏବଂ ଲୋକସଂପର୍କ ବିଭାଗର ପଞ୍ଜୀକୃତ ଏକ ସଂସ୍ଥା ଯଥା ମେସର୍ସ ଏଲିଏନୋରା ଇମେଜେସ୍ ଦ୍ୱାରା 2020-21 ମସିହାରେ 2.89 ଲକ୍ଷ ଟଙ୍କା ମୂଲ୍ୟରେ ପ୍ରସ୍ତୁତ କରାଯାଇଥିଲା । ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ଶିଶୁ ଅଧିକାର ଏବଂ ସୁରକ୍ଷା ପ୍ରସଙ୍ଗରେ ସଚେତନତା ସୃଷ୍ଟି ପାଇଁ ସମୁଦାୟ ଉପଲବ୍ଧ ପାଣ୍ଠି 22.50 ଲକ୍ଷ[3] ଟଙ୍କା ମଧ୍ୟରୁ ମାର୍ଚ୍ଚ 2021 ସୁଦ୍ଧା 19.61 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନଥିଲା ।

- ପ୍ରିଣ୍ଟ୍ ଏବଂ ଇଲେକ୍ଟ୍ରୋକିନିକ୍ ଗଣ ମାଧ୍ୟମ ମାଧ୍ୟମରେ ଶିଶୁମାନଙ୍କ ଅଧିକାର ଏବଂ ଶିଶୁ ସୁରକ୍ଷା ପ୍ରସଙ୍ଗରେ ସୂଚନା ପ୍ରଦାନ ଓ ଜନ ସଚେତନତା ସୃଷ୍ଟି କରିବା ପାଇଁ ଅନ୍ୟ କୌଣସି ଅଭିଯାନ 2016-17 ରୁ 2020-21 ମଧ୍ୟରେ ଓଏସ୍‌ସିପିଏସ୍ ଦ୍ୱାରା କରାଯାଇଥିଲା ।

[3] 2018-19, 2019-20 ଏବଂ 2020-21 ବର୍ଷ ପ୍ରତି 7.50 ଲକ୍ଷ ଟଙ୍କା ହାରରେ

ଅନୁସନ୍ଧାନ ଏବଂ ଦସ୍ତାବିଜ ପ୍ରସ୍ତୁତିରେ ଅଭାବ, ରାଜ୍ୟ ନିର୍ଦ୍ଦିଷ୍ଟ ଡାଟାବେସ୍‌ର ରକ୍ଷଣାବେକ୍ଷଣ ନହେବା ଏବଂ ସୂଚନା ବିସ୍ତାର ତଥା ଜନସାଧାରଣଙ୍କ ଅସୁବିଧା ଉତ୍ଥାପନ ପାଇଁ ଅଭିଯାନ ନକରିବାର କାରଣ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା ।

ଓଏସ୍‌ସିପିଏସ୍ ବ୍ୟକ୍ତ କରିଥିଲେ (ଜାନୁଆରୀ 2022) ଯେ ରାଜ୍ୟ ତଥା ଜିଲ୍ଲା ସ୍ତରରେ ଏକାଧିକ ଅଭିଯାନ କରାଯାଇଥିଲା, ଯେଉଁଥିରେ ଅପରେସନ ପରୀ, ପରୀ ପାଇଁ କଥାଟିଏ (ଅର୍ଥାତ୍ ପରୀ ପାଇଁ ଏକ ଶବ୍ଦ), ହୋର୍ଡିଂ/ ପୋଷ୍ଟର ବ୍ୟାନର ସ୍ଥାପନ, ଦୂରଦର୍ଶନରେ ସମୂହ ଆଲୋଚନା, ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା । ଓଏସ୍‌ସିପିଏସ୍ ର ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଏହିପରି ଅଭିଯାନ ଚଳାଇଥିବା ସପକ୍ଷରେ ଓଏସ୍‌ସିପିଏସ୍ କୌଣସି ଦସ୍ତାବିଜ ଭିତ୍ତିକ ପ୍ରମାଣ ପ୍ରଦାନ କରିପାରିନଥିଲା ।

### *4.3.3 ବଜେଟ୍ ବ୍ୟବସ୍ଥାର ଉପଲବ୍ଧତା ସତ୍ତ୍ୱେ ଅଭିନବ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନହେବା*

ସଂଶୋଧିତ ଆଇସିପିଏସ୍ ମାର୍ଗଦର୍ଶିକା 2014 ଅନୁଯାୟୀ, ରାଜ୍ୟ ସରକାର ଶିଶୁମାନଙ୍କର ସମସ୍ୟା/ ବିପଦ/ ଦୁର୍ବଳତା ଉପରେ ଅଭିନବ ପ୍ରକଳ୍ପ ଆରମ୍ଭ କରିବେ । ରାଜ୍ୟ ଶିଶୁ ସୁରକ୍ଷା ସୋସାଇଟି ନିକଟରେ 30 ଲକ୍ଷ ଟଙ୍କାର ଏକ ସାଧାରଣ ଅନୁଦାନ ରହିବ ଯାହା ଅଧିନରେ ଏହି ପ୍ରକଳ୍ପଗୁଡ଼ିକୁ ସହାୟତା ଯୋଗାଇ ଦିଆଯିବ ।

ଅଡିଟ୍ ଓଏସ୍‌ସିପିଏସ୍ ଦ୍ୱାରା ପ୍ରଦାନ କରାଯାଇଥିବା ରେକର୍ଡ ଏବଂ ସୂଚନା ଯାଞ୍ଚ କରିଥିଲେ ଏବଂ ଲକ୍ଷ୍ୟ କରିଥିଲେ ଯେ:

- 2016-21 ଅବଧିରେ, ଆଇସିପିଏସ୍‌ର ନିୟମିତ କାର୍ଯ୍ୟକ୍ରମ ଉପାଦାନଗୁଡ଼ିକରେ ଅନ୍ତର୍ଭୁକ୍ତ ନଥିବା ଅଭିନବ ପ୍ରକଳ୍ପ/ ବିଷୟ ଗୁଡ଼ିକର କାର୍ଯ୍ୟକାରିତା ପାଇଁ ଓଏସ୍‌ସିପିଏସ୍ ର ବାର୍ଷିକ ବଜେଟ୍ ଯୋଜନାରେ 30 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ଭାରତ ସରକାରଙ୍କ ଏମ୍‌ଡବ୍ଲୁସିଡି, ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଓଏସ୍‌ସିପିଏସ୍ ସପକ୍ଷରେ 2016-21 (2019-20 ବ୍ୟତୀତ) ଅବଧିରେ 1.20 କୋଟି ଟଙ୍କା ପ୍ରଦାନ କରିଥିଲେ । ଅବଶ୍ୟ, 2020-21 ମଧ୍ୟରେ ଓଏସ୍‌ସିପିଏସ୍ ଅଭିନବ ପ୍ରକଳ୍ପ ବାବଦରେ କେବଳ 27 ଲକ୍ଷ ଟଙ୍କା ବିନିଯୋଗ କରିଥିଲା ।
- ସିସିଆଇରେ ରହୁଥିବା ପିଲାମାନଙ୍କର କମ୍ପ୍ୟୁଟର ଦକ୍ଷତା ବୃଦ୍ଧି କରିବାକୁ, ସ୍ମାର୍ଟ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ "ଇ-ଶିକ୍ଷା" ନାମକ ଏକ ପ୍ରକଳ୍ପ 2019-20 ଏମ୍‌ଡବ୍ଲୁସିଡି ଦ୍ୱାରା ଅନୁମୋଦିତ ହୋଇଥିଲା । ଓଡ଼ିଶାର 30 ଟି ଜିଲ୍ଲାର ସିସିଆଇ ରେ ପିଲାମାନଙ୍କ ପାଇଁ ମୋଟ 30 ଲକ୍ଷ ଟଙ୍କା (ପ୍ରତି ଜିଲ୍ଲା ପାଇଁ 1 ଲକ୍ଷ) ମୂଲ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଥିଲା । ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କନ୍‌ଭେଜେନିୟସ୍ ଏଡୁ ସଲ୍ୟୁସନ୍ସ୍, ନୋଏଡ଼ା ନାମକ ଏକ ସେବା ପ୍ରଦାନକାରୀ ସଂଗଠନକୁ ଓଏସ୍‌ସିପିଏସ୍ ଦ୍ୱରା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ (ନଭେମ୍ବର 2020) ଚୟନ କରାଯାଇଥିଲା । ଡିସେମ୍ବର 2020 ରେ ସେବା ପ୍ରଦାନକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ସେବା ପ୍ରଦାନକାରୀଙ୍କୁ ଜୁନ୍ 2021 ରେ 27 ଲକ୍ଷ ଟଙ୍କା (90 ପ୍ରତିଶତ) ପ୍ରଦାନ କରାଯାଇଥିଲା । କିନ୍ତୁ, ପ୍ରକଳ୍ପ ସମାପ୍ତିର ସବିଶେଷ ବିବରଣୀ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା ।

ଏହିପରି ଭାବରେ, ପ୍ରତିବର୍ଷ ଅଭିନବ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ଯୋଜନା କରିବା ଏବଂ ଏଥିପାଇଁ ସରକାରୀ ପାଣ୍ଠି ଗ୍ରହଣ କରିବା ସତ୍ତ୍ୱେ ଓଏସ୍‌ସିପିଏସ୍ ପାଣ୍ଠିକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରିନଥିଲା କିମ୍ବା 2016-17 ପର ଠାରୁ ଅବ୍ୟବହୃତ ପାଣ୍ଠି (ପାଣ୍ଠି ଉପରେ ସୁଧ ସହିତ) ଭାରତ ସରକାରଙ୍କ ଖାତାରେ ଜମା କରିନଥିଲା । ଅବ୍ୟବହୃତ 0.93 କୋଟି ଟଙ୍କା (1.20 - 0.27) ବ୍ୟାଙ୍କ ସଞ୍ଚୟ ଖାତାରେ ଜମା ରହିଥିଲା ।

ସରକାରୀ ପାଣ୍ଠିକୁ ଉଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର ନକରିବା ତଥା "ଇ-ଶିକ୍ଷା" ପ୍ରକଳ୍ପ ଓ ଭାରତ ସରକାରଙ୍କ ଖାତାରେ ସୁଧ ସହିତ ଅବ୍ୟବହୃତ ପାଣ୍ଠି ଜମା ନକରିବାର କାରଣ ଉପରେ ଓଏସ୍‌ସିପିଏସ୍‌ର ପ୍ରତିକ୍ରିୟାକୁ ଅପେକ୍ଷା କରାଯାଇଛି (ଫେବୃଆରୀ 2022) ।

## ପିଲାମାନଙ୍କୁ ଯୋଗାଇ ଦିଆଯାଇଥିବା ଯତ୍ନ, ସହାୟତା ଏବଂ ପୁନର୍ବାସ ସେବା

## 4.4 ଶିଶୁ ଯତ୍ନ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକାରିତା

### *4.4.1 ସିସିଆଇରେ ବସ୍ତୁଗତ ଭିତ୍ତିଭୂମି ଏବଂ ଶିଶୁ ଯତ୍ନ ସେବା*

ଆଇସିପିଏସ୍ ମାର୍ଗଦର୍ଶିକା ଅନୁଯାୟୀ, ସରକାରୀ କିମ୍ବା ବେସରକାରୀ ଭାବରେ ପ୍ରଦାନ କରାଯାଉଥିବା ସମସ୍ତ ସୁରକ୍ଷା ସେବା, ଭୌତିକ ଭିତ୍ତିଭୂମି ତଥା ମାନବ ସମ୍ବଳ ଆବଶ୍ୟକତା ସମ୍ବନ୍ଧୀୟ ନିର୍ଦ୍ଧାରିତ ମାନଦଣ୍ଡକୁ ପାଳନ କରିବା ଉଚିତ୍ ଏବଂ ବୈଧାନିକ ସଂସ୍ଥାଗୁଡ଼ିକର କାର୍ଯ୍ୟକାରିତା ପାଇଁ ପ୍ରୋଟୋକଲ, ପଦ୍ଧତିଗତ ନିର୍ଦ୍ଦେଶାବଳୀ ଓ ସେବା ସମ୍ବନ୍ଧୀୟ ମାର୍ଗଦର୍ଶିକା ତଥା କାର୍ଯ୍ୟକାରୀ ମାନୁଆଲ ଗୁଡ଼ିକର ଅନୁପାଳନ କରିବା ଉଚିତ୍ ।

ଅଡିଟ୍ 60 ଟି ସିସିଆଇ ପରିଦର୍ଶନ କରିଥିଲେ ଯେଉଁଥିରେ 43 ଶିଶୁ ଗୃହ (ସିଏଚ୍), ସାତଟି ସ୍ୱତନ୍ତ୍ର ପୋଷ୍ୟ ଏଜେନ୍ସି(ଏସ୍ଏଏ), ଆଠଟି ଖୋଲା ଆଶ୍ରୟସ୍ଥଳୀ (ଓଏସ୍) ଏବଂ ଦୁଇଟି ପର୍ଯ୍ୟବେକ୍ଷଣ ଗୃହ (ଓଏଚ୍) ଅନ୍ତର୍ଭୁକ୍ତ । ପାରାମିଟର ଅନୁଯାୟୀ ସିସିଆଇରେ ଉପଲବ୍ଧ ସୁବିଧାଗୁଡ଼ିକର ବିବରଣୀ ନିମ୍ନରେ **ସାରଣୀ 4.4** ରେ ଦର୍ଶାଯାଇଛି :

***ସାରଣୀ 4.4: ସିସିଆଇ ଗୁଡ଼ିକରେ ଅପର୍ଯ୍ୟାପ୍ତ ଭିତ୍ତିଭୂମି ଦର୍ଶାଉଥିବା ବିବରଣୀ***

| Sl. No. | ପାରାମିଟର | ପରିକ୍ଷିତ ସିସିଆଇ ସଂଖ୍ୟା[4] | ପାରାମିଟର ପୂରଣ କରୁନଥିବା ସିସିଆଇ ସଂଖ୍ୟା |
|---|---|---|---|
| 1 | ଭୋଜନ କକ୍ଷ | 60 | 11 |
| 2 | ଛାତ୍ରାବାସ/ ଶୟନ କକ୍ଷ | 60 | 1 |
| 3 | ଶୌଚାଳୟ/ ବାଥ୍ ରୁମ୍ | 60 | 2 |
| 4 | ସାମଗ୍ରୀକ ସ୍ୱାସ୍ଥ୍ୟ ପରୀକ୍ଷା | 60 | 2 |
| 5 | ଡାଏଟ୍ ଚାର୍ଟର ପ୍ରସ୍ତୁତି ଏବଂ ଏହାର ଅନୁକରଣ | 60 | 4 |
| 6 | ଶାରୀରିକ ବ୍ୟାୟାମ | 45 | 1 |
| 7 | ଧନ୍ଦାମୂଳକ ତାଲିମ୍ | 45 | 23 |
| 8 | ଶିଶୁ କମିଟି | 45 | 1 |
| 9 | ଅଭିଯୋଗ ସମାଧାନ/ ଅଭିଯୋଗ ବାକ୍ସ | 45 | 3 |
| 10 | ଔଷଧ ଏବଂ ପଦାର୍ଥର ଅପବ୍ୟବହାର ଏବଂ ଅନ୍ୟାନ୍ୟ କ୍ରୋନିକ୍ ସ୍ୱାସ୍ଥ୍ୟଗତ ଅସୁବିଧା (ଶିଶୁ ଗୃହ) ପାଇଁ ବିଶେଷ ଯତ୍ନ | 43 | 43 |
| 11 | ସୁରକ୍ଷା କର୍ମୀ, ସିସିଟିଭି, ଇତ୍ୟାଦି | 60 | 4 |

***(ଉତ୍ସ: ସିସିଆଇ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ଉପରୋକ୍ତ ତଥ୍ୟରୁ ଅଡିଟ୍ ଲକ୍ଷ୍ୟ କଲା ଯେ:

- 60 ଟି ସିସିଆଇ ମଧ୍ୟରୁ ଦୁଇଟି ସିସିଆଇରେ ପର୍ଯ୍ୟାପ୍ତ ସଂଖ୍ୟକ କାର୍ଯ୍ୟକ୍ଷମ ଶୌଚାଳୟ /ଗାଧୁଆ ଘର ନଥିଲା, ଯାହାଫଳରେ ରହିବା ଅବସ୍ଥା ଅସ୍ୱାସ୍ଥ୍ୟକର ଥିଲା ।
- 60 ଟି ସିସିଆଇ ମଧ୍ୟରୁ 11 ଟି ସିସିଆଇର ଭୋଜନ କକ୍ଷ ନଥିଲା । 11 ଟି ସିସିଆଇରେ ଭୋଜନ କକ୍ଷର ଅନୁପସ୍ଥିତି ଯୋଗୁଁ ପିଲାମାନେ ଅପରିଷ୍କାର ଅବସ୍ଥାରେ ଭୋଜନ କରୁଥିଲେ ।
- 45 ଟି ସିସିଆଇ ମଧ୍ୟରୁ, 23 ଟି ସିସିଆଇରେ 14 ବର୍ଷରୁ ଅଧିକ ପିଲାମାନଙ୍କ ପାଇଁ ଧନ୍ଦାମୂଳକ ତାଲିମ ବ୍ୟବସ୍ଥା ନଥିଲା । ଅଭିଳାଷୀ/ ଯୋଗ୍ୟ ପିଲାମାନଙ୍କ ପାଇଁ ଧନ୍ଦାମୂଳକ ତାଲିମର ଅଭାବ, ଭବିଷ୍ୟତରେ ସେମାନଙ୍କର ଜୀବିକା ବିକଳ୍ପକୁ ସୀମିତ କରିଥିଲା ।
- 43 ଶିଶୁ ଗୃହ ମଧ୍ୟରୁ କୌଣସିଟିରେ ଡ୍ରଗ୍ସ ଏବଂ ପଦାର୍ଥର ଅପବ୍ୟବହାର ଏବଂ ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟଗତ ରୋଗ ନିମନ୍ତେ ବିଶେଷ ଯତ୍ନ ନେବା ପାଇଁ ସୁବିଧା ଉପଲବ୍ଧ ନଥିଲା ।

[4] ଯେଉଁଠାରେ ସମୁଦାୟ ସିସିଆଇ ସଂଖ୍ୟା 45 ଭାବରେ ନିଆଯାଇଛି, ଏହା ସୂଚିତ କରେ ଯେ 15 ସିସିଆଇ (ଏସ୍ଏଏ-7 ଏବଂ ଓଏସ୍-8) ରେ ପାରାମିଟର ପ୍ରଯୁଜ୍ୟ/ ଆବଶ୍ୟକ ନୁହେଁ । କ୍ରମିକ ସଂଖ୍ୟା 10 ରେ ପାରାମିଟର କେବଳ 43 ସିସିଆଇ ପାଇଁ ପ୍ରଯୁଜ୍ୟ

ଯେହେତୁ ଏମାନେ ଅସୁରକ୍ଷିତ ପରିବେଶରେ ବିପଦସଙ୍କୁଳ ଅବସ୍ଥାରେ ଅଛନ୍ତି, ସିସିଆଇ ଗୁଡ଼ିକରେ ଏହିପରି ସୁବିଧା ଯୋଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

**କେସ୍ ଅଧ୍ୟୟନ**

**ମା ମଙ୍ଗଳା ବାଳାଶ୍ରମ, ମୟୁରଭଞ୍ଜ ଜିଲ୍ଲା**

ସିସିଆଇଗୁଡ଼ିକୁ ଅନୁଦାନ ସହାୟତା ପାଇଁ ଓଡ଼ିଶା ସରକାର ସଂଶୋଧିତ ମାର୍ଗଦର୍ଶିକା (ମାର୍ଚ୍ଚ 2015) ଜାରି କରିଥିଲେ । ମାର୍ଗଦର୍ଶିକାର ଧାରା 4 ଅନୁଯାୟୀ, ଜିଆଇଏ ପାଇଁ ଦୁଇଟି ଉପାଦାନ ଅଛି; (କ) ପୁନରାବୃତ୍ତି ନହେବା ଖର୍ଚ୍ଚ ଏବଂ (ଖ) ପୁନରାବୃତ୍ତି ଖର୍ଚ୍ଚ । ପୁନରାବୃତ୍ତି ନହେବା ଖର୍ଚ୍ଚ ମଧ୍ୟରେ:

i. ଗଠନମୂଳକ ପରିବର୍ତ୍ତନ, ରହିବା ସୁବିଧା ଏବଂ ରକ୍ଷଣାବେକ୍ଷଣର ଉନ୍ନତି
ii. ଟେଲିଭିଜନ, କମ୍ପ୍ୟୁଟର, ବହି, ଆସବାବପତ୍ର, ରୋଷେଇ ସରଞ୍ଜାମ, ଇତ୍ୟାଦିର କ୍ରୟ/ ରକ୍ଷଣାବେକ୍ଷଣ ଭଳି ସୁବିଧାଗୁଡ଼ିକର ଉନ୍ନତି

ଅଡିଟ୍ ଲକ୍ଷ୍ୟ କଲେ ଯେ ମୟୁରଭଞ୍ଜ ଜିଲ୍ଲାର ମଙ୍ଗଳପୁରରେ ମା ମଙ୍ଗଳା ବାଳାଶ୍ରମ ନାମିତ ଏକ ସିସିଆଇ, 7.50 ଲକ୍ଷ ଟଙ୍କାରେ ଏକ ନୂତନ କୋଠା ନିର୍ମାଣ (ବାର୍ଷିକ ବଜେଟ୍ 2016-17 ଏବଂ 2018-19) ଏବଂ ଟେଲିଭିଜନ, କମ୍ପ୍ୟୁଟର, ବହି, ଆସବାବପତ୍ର, ଇତ୍ୟାଦିର କ୍ରୟ/ ରକ୍ଷଣାବେକ୍ଷଣ ଉନ୍ନତି ପାଇଁ 11.90 ଲକ୍ଷ ଟଙ୍କାର ପ୍ରସ୍ତାବ ଡିସିପିଓ, ମୟୁରଭଞ୍ଜଙ୍କୁ ପଠାଇଥିଲେ । ତେବେ, ଏନ୍‌ଜିଓ-ପରିଚାଳିତ ପିଲାମାନଙ୍କ ଘର ଅଧିନରେ ମାର୍ଚ୍ଚ 2021 ସୁଦ୍ଧା ଓଏସ୍‌ସିପିଏସ୍ ଆକାଉଣ୍ଟରେ 33.02 କୋଟି ଟଙ୍କାର ଶେଷ ଜମା ଥାଇ ମଧ ସିସିଆଇକୁ କୌଣସି ଆର୍ଥିକ ସହାୟତା ଦିଆଯାଇ ନଥିଲା । ଏହିପରି, ଅସୁବିଧାରେ ଥିବା ପିଲାମାନଙ୍କ କଲ୍ୟାଣ ପାଇଁ ଉପଲବ୍ଧ ପାଣ୍ଠି ବ୍ୟବହାର କରାଯାଇ ନଥିଲା । ପାଣ୍ଠି ଅଭାବରୁ ଭୌତିକ ଭିତ୍ତିଭୂମିର ନିର୍ଦ୍ଦିଷ୍ଟ ମାନଦଣ୍ଡକୁ ପାଳନ ପୂର୍ବକ ସିସିଆଇର ରୋଷେଇ ଘର, ଭୋଜନ ସ୍ଥଳ ଭଳି ମୌଳିକ ସୁବିଧାଗୁଡ଼ିକ ଉନ୍ନତ/ ସମ୍ପୂର୍ଣ୍ଣ ହୋଇପାରିନଥିଲା । ଅସମ୍ପୂର୍ଣ୍ଣ କୋଠା ଏବଂ ରୋଷେଇ ଘର/ ଭୋଜନ ହଲ୍ ଫଟୋଗ୍ରାଫ୍ ନିମ୍ନରେ ଦିଆଯାଇଛି:



*ମଙ୍ଗଳପୁର ସିସିଆଇ ଠାରେ ଅସମ୍ପୂର୍ଣ୍ଣ ରୋଷେଇ ତଥା ଭୋଜନ ଘର*



*ମଙ୍ଗଳପୁର ସିସିଆଇର ଭୋଜନ ସ୍ଥଳ*



*ମଙ୍ଗଳପର ସିସିଆଇର ରୋଷେଇ ଘର*

### 4.4.2 ଆବାସ ସ୍ଥାନ ଏବଂ ଅନ୍ୟାନ୍ୟ ସାଧାରଣ ଭିତ୍ତିଭୂମି ନିର୍ମାଣରେ ବିଳମ୍ବ

ଆଇସିପିଏସ୍ ମାର୍ଗଦର୍ଶିକା ଅନୁଯାୟୀ, ପ୍ରତ୍ୟେକ ଅନୁଷ୍ଠାନରେ ବାଳିକା ଏବଂ ବାଳକମାନଙ୍କ ପାଇଁ ପୃଥକ ରହିବା ସ୍ଥାନର ବ୍ୟବସ୍ଥା କରାଯିବ । ଏହା ବ୍ୟତୀତ, ବିଭିନ୍ନ ବୟସ ବର୍ଗ ଗୋଷ୍ଠୀ ଯଥା, 7-11 ବର୍ଷ, 12-16 ବର୍ଷ ଏବଂ 16-18 ବର୍ଷ ମାନଙ୍କ ପାଇଁ ମଧ୍ୟ ପୃଥକ ରହିବା ବ୍ୟବସ୍ଥା ଆବଶ୍ୟକ ।

ଅଡିଟ୍ ଲକ୍ଷ୍ୟ କଲେ ଯେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଗଞ୍ଜାମ (ଆର୍‌ଆଣ୍ଡବି) ଡିଭିଜନ ସଂଖ୍ୟା-1, ବ୍ରହ୍ମପୁର ଠାରେ ପର୍ଯ୍ୟବେକ୍ଷଣ ଗୃହ ଓ ସ୍ୱତନ୍ତ୍ର ଗୃହ ପରିସରରେ ଦୁଇଟି ଡର୍ମିଟୋରୀ ଏବଂ ଗୋଟିଏ ଲାଇବ୍ରେରୀ ରୁମ୍ ନିର୍ମାଣ ପାଇଁ 73.66 ଲକ୍ଷ ଟଙ୍କାର ଏକ ଆକଳନ ପର୍ଯ୍ୟବେକ୍ଷଣ ଗୃହ ଓ ସ୍ୱତନ୍ତ୍ର ଗୃହର ଅଧୀକ୍ଷକଙ୍କୁ ନିକଟରେ ଦାଖଲ କରିଥିଲେ (ମଇ 2019) । ମାର୍ଚ୍ଚ 2020 ରେ ଉପରୋକ୍ତ କାର୍ଯ୍ୟ ନିର୍ମାଣ ତଥା ଚତୁଃପାର୍ଶ୍ୱ ପାଚେରୀର ମରାମତି ଏବଂ ନବୀକରଣ, ପ୍ଲିନ୍ଥ ସୁରକ୍ଷା ଏବଂ ଡ୍ରେନ୍ ପାଇଁ ଡବ୍ଲୁଆଣ୍ଡସିଡି ବିଭାଗ 109.27 ଲକ୍ଷ[5] ଟଙ୍କା ମଞ୍ଜୁର କରିଥିଲେ । କାର୍ଯ୍ୟଗୁଡ଼ିକ, ଜାନୁଆରୀ 2022 ପର୍ଯ୍ୟନ୍ତ ଆରମ୍ଭ ହୋଇନଥିଲା ।

କାର୍ଯ୍ୟ ଆରମ୍ଭ ନହେବା ହେତୁ ନାବାଳିକାଙ୍କୁ ସେମାନଙ୍କ ବୟସ ବର୍ଗ ଅନୁଯାୟୀ ବର୍ଗୀକରଣ ଏବଂ ପୃଥକୀକରଣ କାର୍ଯ୍ୟକାରୀ ହୋଇପାରିଲା ନାହିଁ କାରଣ 132 ପିଲା ସୀମିତ ସଂଖ୍ୟକ ଚାରିଟି ଡର୍ମିଟୋରୀରେ ରହୁଥିଲେ । ଆଇସିପିଏସ୍ ମାନକ ଅନୁଯାୟୀ, 110 ପିଲାଙ୍କୁ ରହିବା ପାଇଁ ଛାତ୍ରାବାସର ଆବଶ୍ୟକୀୟ ଆକାର ହେଉଛି 4,400 ବର୍ଗ ଫୁଟ୍ । କିନ୍ତୁ, ଲକ୍ଷ୍ୟ କରାଗଲା ଯେ 5,280 ବର୍ଗଫୁଟର ଆବଶ୍ୟକତା ପରିବର୍ତ୍ତେ 132 ପିଲା 3,022 ବର୍ଗଫୁଟର ଛାତ୍ରାବାସରେ ରହୁଥିଲେ । ଏତଦ୍‌ବ୍ୟତୀତ ମାର୍ଗଦର୍ଶିକାର ଉଲ୍ଲଂଘନ ବ୍ୟତୀତ, ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ଅସୁରକ୍ଷିତ ପିଲାମାନଙ୍କର ରହିବା ଅବସ୍ଥା ଉପରେ ନକରାତ୍ମକ ପ୍ରଭାବ ପକାଇଥିଲା ।

ଉତ୍ତରରେ, ବାଳକମାନଙ୍କ ପାଇଁ ବ୍ରହ୍ମପୁରର ସ୍ୱତନ୍ତ୍ର ଗୃହ ଏବଂ ପଯ୍ୟବେକ୍ଷଣ ଗୃହର ଅଧୀକ୍ଷକ ବ୍ୟକ୍ତ କରିଥିଲେ (ଜାନୁଆରୀ 2022) ଯେ ନିକଟ ଭବିଷ୍ୟତରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ।

### 4.4.3 ଭବାନୀପାଟଣାରେ ନୂତନ ନିର୍ମିତ ସିସିଆଇ ନିଷ୍କ୍ରିୟ

ଜୁଭେନାଇଲ୍ ଜଷ୍ଟିସ୍ କମିଟି[6] 18 ମାର୍ଚ୍ଚ 2015 ବୈଠକରେ କଳାହାଣ୍ଡି ଜିଲ୍ଲାର ଅଭାବୀ ପିଲାମାନଙ୍କର ରହିବା ବ୍ୟବସ୍ଥା ପାଇଁ ଭବାନୀପାଟଣାରେ ଏକ ସିସିଆଇ ନିର୍ମାଣ ପାଇଁ ସୁପାରିଶ କରିଥିଲା । ଏହି ଉଦ୍ଦେଶ୍ୟରେ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ଜିଲ୍ଲା କଲେକ୍ଟରଙ୍କୁ ଡବ୍ଲୁଏଣ୍ଡସିଡି ବିଭାଗ ନିର୍ଦ୍ଦେଶ ଦେଇଥିଲେ (ଅପ୍ରେଲ 2015) । ସେପ୍ଟେମ୍ବର 2018 ରେ ଜମି ଚିହ୍ନଟ, ହସ୍ତାନ୍ତର ଏବଂ ସୀମା ନିର୍ଦ୍ଧାରଣ କାର୍ଯ୍ୟ ସମାପ୍ତ ହୋଇଥିଲା । ନିର୍ବାହୀ ଯନ୍ତ୍ରୀ, କଳାହାଣ୍ଡି (ଆର୍‌ଆଣ୍ଡବି) ଡିଭିଜନଙ୍କ ଉପରେ କାର୍ଯ୍ୟ ସମ୍ପାଦନର ଦାୟିତ୍ୱ ନ୍ୟସ୍ତ ଥିଲା । ଅକ୍ଟୋବର 2018 ରୁ ଡିସେମ୍ବର 2020 ମଧ୍ୟରେ କାର୍ଯ୍ୟନିର୍ବାହୀ ସଂସ୍ଥା ସପକ୍ଷରେ 3.85 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । 50 ପିଲାଙ୍କ କ୍ଷମତା ବିଶିଷ୍ଟ ନିର୍ମିତ ସିସିଆଇ ଜାନୁଆରୀ 2021 ରେ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଥିଲା ।

---

5 ଛାତ୍ରାବାସ ଏବଂ ଲାଇବ୍ରେରୀ ରୁମ୍ ପାଇଁ 73.66 ଲକ୍ଷ ଟଙ୍କା ଏବଂ ପାରିପାର୍ଶ୍ୱିକ ପ୍ରାଚୀରର ମରାମତି ଏବଂ ନବୀକରଣ, ପ୍ଲିଥିନ ସୁରକ୍ଷା ଏବଂ ଡ୍ରେନ୍ ପାଇଁ 35.61 ଲକ୍ଷ ଟଙ୍କା

6 ଜେଜେ ଅଧିନିୟମ କାର୍ଯ୍ୟକାରିତାକୁ ତଦାରଖ କରିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତିମାନଙ୍କୁ ନେଇ ଏକ କମିଟି



ଭବାନୀପାଟଣାଠାରେ ନବ ନିର୍ମିତ ସିସିଆଇ



ଭବାନୀପାଟଣାଠାରେ ନିର୍ମିତ ନୂତନ ସିସିଆଇ ଭିତର ଦୃଶ୍ୟ

ଡିସିପିଓ, ଭବାନୀପାଟଣାଙ୍କ ନଥିଗୁଡ଼ିକର ଯାଞ୍ଚରୁ, ଅଡିଟ୍ ଲକ୍ଷ୍ୟ କଲେ ଯେ 3.85 କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ସିସିଆଇ ବିଲ୍ଡିଂ ମୁଖ୍ୟତଃ ଆସବାବପତ୍ର ଅଭାବ ଏବଂ ଉତ୍ସର୍ଗୀକୃତ କର୍ମଚାରୀଙ୍କ ଅନୁପସ୍ଥିତି ପାଇଁ ମାର୍ଚ୍ଚ 2022 ପର୍ଯ୍ୟନ୍ତ ଖାଲି ପଡ଼ିଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ କଳାହାଣ୍ଡି ଜିଲ୍ଲାର 12 ଜଣ ପିଲାଙ୍କୁ ବ୍ରହ୍ମପୁରର ପର୍ଯ୍ୟବେକ୍ଷଣ ଗୃହରେ ରଖାଯାଇଥିଲା । ଅଡିଟ୍ ଏହା ମଧ୍ୟ ଲକ୍ଷ୍ୟ କରିଥିଲେ ଯେ ଉପରୋକ୍ତ ପର୍ଯ୍ୟବେକ୍ଷଣ ଗୃହର କ୍ଷମତା 110 ଥିବା ସ୍ଥଳେ ସେଠାରେ 132 ପିଲାଙ୍କୁ ରଖାଯାଇଥିଲା । ବ୍ରହ୍ମପୁର ସିସିଆଇରେ ଅତ୍ୟଧିକ ଗହଳି ସତ୍ତ୍ୱେ, କଳାହାଣ୍ଡି ଜିଲ୍ଲାର ପିଲାମାନଙ୍କୁ ଚିହ୍ନଟ କରି ଭାବନୀପାଟଣା ଠାରେ ନିର୍ମିତ ନୂତନ ସିସିଆଇରେ ରଖିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ଏହିପରି ଭାବରେ, ଭବାନୀପାଟଣା ସିସିଆଇରୁ ଅଭିଳଷିତ ସୁବିଧା ହାସଲ କରାଯାଇପାରିନଥିଲା ।

### 4.4.4 ସିସିଆଇରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବ

ଓଡ଼ିଶା ଜେଜେ (ସିପିସି) ନିୟମ 2018 ର ନିୟମ 60 ଅନୁଯାୟୀ ପିଲାମାନଙ୍କର ବର୍ଗ, ପିଲାମାନଙ୍କର ବୟସ ବର୍ଗ, ଅନୁଷ୍ଠାନକରଣର ଉଦ୍ଦେଶ୍ୟ ଏବଂ ସିସିଆଇର ପ୍ରଯୁଜ୍ୟ ଆଶଙ୍କା ଗୁଡ଼ିକୁ ଧ୍ୟାନରେ ରଖି ପର୍ଯ୍ୟାପ୍ତ ସଂଖ୍ୟକ ସୁରକ୍ଷା କର୍ମୀ ପ୍ରତ୍ୟେକ ସିସିଆଇରେ ନିୟୋଜିତ ରହିବେ ।

ଆଠଟି ନମୁନା ଜିଲ୍ଲା ଦ୍ୱାରା ଅଡିଟ୍ ପାଇଁ ଦିଆଯାଇଥିବା ରେକର୍ଡ ଏବଂ ତଥ୍ୟର ପରୀକ୍ଷା ଯାଞ୍ଚରେ ଦେଖାଗଲା ଯେ ଛଅରୁ 18 ବର୍ଷ ବୟସର 234 (ବାଳକ-166 ଏବଂ ବାଳିକା-68) ପିଲା 2016-17 ମଧ୍ୟରେ 93 ସିସିଆଇ ରୁ ନିଖୋଜ ଥିଲେ । 2020-21 ପର୍ଯ୍ୟନ୍ତ ଏଥିମଧ୍ୟରୁ 130 (ବାଳକ-82 ଏବଂ ବାଳିକା-48) ପିଲାଙ୍କୁ ଉପରୋକ୍ତ ସମୟ ମଧ୍ୟରେ ଉଦ୍ଧାର କରାଯାଇଥିଲା କିନ୍ତୁ ଅବଶିଷ୍ଟ 104 ପିଲାଙ୍କ ସ୍ଥିତି ଅଡିଟ୍ ତାରିଖ (ଅକ୍ଟୋବର 2021) ପର୍ଯ୍ୟନ୍ତ ଜଣାନଥିଲା । ସଂପୃକ୍ତ ସିସିଆଇ ଗୁଡ଼ିକ ସଂପୃକ୍ତ ଥାନାରେ ଏଫ୍ଆଇଆର ଦାଖଲ କରିଥିଲେ:

***ସାରଣୀ 4.5: ନମୁନା ଜିଲ୍ଲାଗୁଡ଼ିକର ସିସିଆଇରେ 2016-21 ଅବଧିରେ ନିଖୋଜ ପିଲାମାନଙ୍କର ବିବରଣୀ***

| କ୍ର. ସଂ. | ଜିଲ୍ଲାର ନାମ | ସିସିଆଇ ଗୁଡ଼ିକର ସଂଖ୍ୟା | ନିଖୋଜ ଶିଶୁଙ୍କ ସଂଖ୍ୟା | | | ଉଦ୍ଧାର ହୋଇଥିବା ଶିଶୁଙ୍କ ସଂଖ୍ୟା | | | ଉଦ୍ଧାର କରାଯାଇ ନଥିବା ପିଲାମାନଙ୍କ ସଂଖ୍ୟା | | |
|---|---|---|---|---|---|---|---|---|---|---|---|
| | | | ବାଳକ | ବାଳିକା | ସମୁଦାୟ | ବାଳକ | ବାଳିକା | ସମୁଦାୟ | ବାଳକ | ବାଳିକା | ସମୁଦାୟ |
| 1 | କଟକ | 19 | 26 | 7 | 33 | 19 | 4 | 23 | 7 | 3 | 10 |
| 2 | ଗଞ୍ଜାମ | 11 | 32 | 26 | 58 | 18 | 19 | 37 | 14 | 7 | 21 |
| 3 | ଝାରସୁଗୁଡ଼ା | 4 | 3 | 1 | 4 | 3 | 1 | 4 | 0 | 0 | 0 |
| 4 | କଳାହାଣ୍ଡି | 10 | 6 | 4 | 10 | 3 | 3 | 6 | 3 | 1 | 4 |
| 5 | ଖୋର୍ଦ୍ଧା | 18 | 74 | 27 | 101 | 20 | 18 | 38 | 54 | 9 | 63 |
| 6 | କୋରାପୁଟ | 11 | 1 | 2 | 3 | 0 | 2 | 2 | 1 | 0 | 1 |
| 7 | ମୟୁରଭଞ୍ଜ | 11 | 1 | 1 | 2 | 0 | 1 | 1 | 1 | 0 | 1 |
| 8 | ପୁରୀ | 9 | 23 | 0 | 23 | 19 | 0 | 19 | 4 | 0 | 4 |
| | ମୋଟ | **93** | **166** | **68** | **234** | **82** | **48** | **130** | **84** | **20** | **104** |

***(ଉତ୍ସ: ସିସିଆଇ ଦ୍ୱାରା ଦିଆଯାଇଥିବା ସୂଚନା)***

ଅଡିଟ୍ ଲକ୍ଷ୍ୟ କଲେ ଯେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଠାରେ ଅବସ୍ଥିତ ଉତ୍କଳ ବାଳାଶ୍ରମରେ 2016 ରୁ 2020 ମଧ୍ୟରେ 15 ରୁ 18 ବର୍ଷର 26 ଜଣ ବାଳିକା ସିସିଆଇ ଛାଡ଼ିଥିବା ରିପୋର୍ଟ ହୋଇଥିଲା । ଶିଶୁମାନେ ସିସିଆଇ ଗୁଡ଼ିକରେ ପର୍ଯ୍ୟାପ୍ତ ଯତ୍ନ ଏବଂ ସୁବିଧାର ଅଭାବ ହେତୁ ସ୍ୱଇଚ୍ଛାରେ ସିସିଆଇ ଛାଡ଼ିଛନ୍ତି କିମ୍ବା ସେମାନେ ଅପରାଧର ଶିକାର ହୋଇଥିଲେ ସେ ନେଇ ଅଡିଟ୍ ନିଶ୍ଚିତ ହୋଇପାରିନଥିଲା ।

ଗଞ୍ଜାମ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କହିଛନ୍ତି ଯେ, ବ୍ରହ୍ମପୁର ଉତ୍କଳ ବାଳାଶ୍ରମରୁ ନିଖୋଜ 26 ପିଲାଙ୍କ ମଧ୍ୟରୁ 20 ଜଣଙ୍କୁ ପରବର୍ତ୍ତୀ ସମୟରେ ଠାବ କରାଯାଇଥିଲା । ସେମାନେ ସ୍ୱେଚ୍ଛାକୃତ ଭାବରେ ସିସିଆଇକୁ ଫେରିଥିଲେ । ତେବେ, ଜାନୁଆରୀ 2022 ସୁଦ୍ଧା ଛଅ ଜଣ ପିଲା ନିଖୋଜ ରହିଥିଲେ ।

ଓଏସ୍‌ସିପିଏସ୍ ଦର୍ଶାଇଥିଲେ ଯେ, ଆଠଟି ପରୀକ୍ଷା ଯାଞ୍ଚ ଜିଲ୍ଲାରେ 104 ନିଖୋଜ ଶିଶୁଙ୍କ ମଧ୍ୟରୁ ଜାନୁଆରୀ 2022 ସୁଦ୍ଧା 50 ଜଣ ପିଲାଙ୍କୁ ପରବର୍ତ୍ତୀ ସମୟରେ ଠାବ କରାଯାଇଥିଲା । ସେମାନେ ସ୍ୱେଚ୍ଛାକୃତ ଭାବରେ ଫେରି ଆସିଥିଲେ । ଜାନୁଆରୀ 2022 ସୁଦ୍ଧା ସାରା ରାଜ୍ୟରେ (ସମସ୍ତ 30 ଟି ଜିଲ୍ଲା) ନିଖୋଜ ଶିଶୁ ମାନଙ୍କ ସଂଖ୍ୟା 135 ଥିଲା ।

ଯଦିଓ ପିଲାମାନେ ସାବାଳକ ହେବା ପର୍ଯ୍ୟନ୍ତ ସେମାନଙ୍କର ଯତ୍ନ ନେବା ସିସିଆଇ ଗୁଡ଼ିକର ଏକ ବିଶ୍ୱାସନୀୟ ଦାୟିତ୍ୱ ଥିଲା, ସୁଉଚ୍ଚ ସୀମା ପ୍ରାଚୀର, ସୁରକ୍ଷାକର୍ମୀ ତଥା ପର୍ଯ୍ୟାପ୍ତ ନଜର ବ୍ୟବସ୍ଥାର ଅଭାବ ଫଳରେ ପିଲାମାନେ ସ୍ୱଇଚ୍ଛାରେ ସିସିଆଇ ଛାଡ଼ିବାକୁ ସକ୍ଷମ ହୋଇଥିଲେ ।

## 4.5 ବ୍ୟକ୍ତିଗତ ଯତ୍ନ ଯୋଜନା ଗୁଡ଼ିକର ପ୍ରସ୍ତୁତି

ବ୍ୟକ୍ତିଗତ ଯତ୍ନ ଯୋଜନା (ଆଇସିପି) ହେଉଛି ଶିଶୁର ବୟସ, ଲିଙ୍ଗ ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ଶିଶୁର ଇତିହାସକୁ ଆଧାର କରି ଶିଶୁର ଆତ୍ମସମ୍ମାନ, ସମ୍ମାନ ଏବଂ ନିଜତ୍ୱକୁ ବଜାୟ ରଖି ତାକୁ ଜଣେ ଦାୟିତ୍ୱବାନ୍ ନାଗରିକ ଭାବରେ ଗଢ଼ିତୋଳିବା ପାଇଁ ଏକ ବିସ୍ତୃତ ବିକାଶ ଯୋଜନା ଏବଂ ସେହି ଅନୁଯାୟୀ ଯୋଜନାଟି ଶିଶୁର ଆବଶ୍ୟକତା ଯଥା-(କ) ଯେକୌଣସି ବିଶେଷ ଆବଶ୍ୟକତା ସହିତ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକର ଆବଶ୍ୟକତା; (ଖ) ଭାବପ୍ରବଣ ଏବଂ ମାନସିକ ଆବଶ୍ୟକତା; (ଗ) ଶିକ୍ଷାଗତ ଏବଂ ତାଲିମ ଆବଶ୍ୟକତା; (ଘ) ଅବକାଶ, ସୃଜନଶୀଳତା ଏବଂ ଖେଳ; (ଙ) ସମସ୍ତ ପ୍ରକାରର ଅପବ୍ୟବହାର, ଅବହେଳା ଏବଂ ଅସଦାଚରଣରୁ ସୁରକ୍ଷା; (ଚ) ପୁନରୁଦ୍ଧାର ଏବଂ ଅନୁସରଣ; (ଛ) ସାମାଜିକ ମୁଖ୍ୟସ୍ରୋତ; ଏବଂ (ଜ) ଜୀବନ ଦକ୍ଷତା ତାଲିମକୁ ଅନ୍ତର୍ଭୁକ୍ତ କରି ସେଗୁଡ଼ିକର ସମାଧାନ କରିବ ।

ଆଇସିପିଏସ୍ ମାର୍ଗଦର୍ଶିକା ଅନୁଯାୟୀ, ଏକ ମାସ ମଧ୍ୟରେ ଡିସିପିୟୁ ସହିତ ପରାମର୍ଶ କରି ସଂପୃକ୍ତ ସଂସ୍ଥା ଦ୍ୱାରା ଅନୁଷ୍ଠାନିକ ଯତ୍ନ ମଧ୍ୟରେ (ଯଥା-ଶିଶୁ ଗୃହ, ଖୋଲା ଆଶ୍ରୟସ୍ଥଳ, ପର୍ଯ୍ୟବେକ୍ଷଣ ଗୃହ, ସ୍ୱତନ୍ତ୍ର ଗୃହ ଇତ୍ୟାଦି) ପ୍ରତ୍ୟେକ ଶିଶୁଙ୍କ ପାଇଁ ଏକ ଆଇସିପି ବିକଶିତ କରାଯିବ । ଥରେ ଡିସିପିୟୁ ଦ୍ୱାରା ସହମତ ହେବା ପରେ, ବ୍ୟକ୍ତିଗତ ଯତ୍ନ ଯୋଜନା, ସିଡବ୍ଲୁସି/ ଜେଜେବି ନିକଟକୁ ଅନୁମୋଦନ ପାଇଁ ପନ୍ଦର ଦିନ ମଧ୍ୟରେ ପଠାଯିବ । ସିଡବ୍ଲୁସି/ ଜେଜେବି ଦ୍ୱାରା ଅନୁମୋଦନ ହେବାର 6 ମାସ ମଧ୍ୟରେ ବ୍ୟକ୍ତିଗତ ଶିଶୁ ଯତ୍ନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ସଂପୃକ୍ତ ଏଜେନ୍ସି ଡିସିପିୟୁ କୁ ରିପୋର୍ଟ କରିବ । ବ୍ୟକ୍ତିଗତ ଯତ୍ନ ଯୋଜନା, ପ୍ରତି ଛଅ ମାସରେ ସମୀକ୍ଷା କରାଯିବ ।

ଆଠଟି ନମୁନା ଜିଲ୍ଲାର 93 ଟି ସିସିଆଇ ମଧ୍ୟରୁ 60 ଟିରେ ରଖାଯାଇଥିବା ପିଲାମାନଙ୍କ କ୍ଷେତ୍ରରେ ଅଡିଟ୍, ଆଇସିପି ପ୍ରସ୍ତୁତିର ସମୀକ୍ଷା କରିଥିଲେ । 60 ଟି ପରୀକ୍ଷା ଯାଞ୍ଚ ସିସିଆଇ ଗୁଡ଼ିକରେ ଖୋଲା ଆଶ୍ରୟସ୍ଥଳୀ (8), ଶିଶୁ ଘର (43), ଏସ୍‌ଏଏ (7) ଏବଂ ପର୍ଯ୍ୟବେକ୍ଷଣ ଗୃହ (2) ରହିଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଅଧିକାଂଶ ସିସିଆଇ ପାଇଁ ଆଇସିପି ଗୁଡ଼ିକ ପ୍ରସ୍ତୁତ ହୋଇଥିବାବେଳେ ଖୋଲା ଆଶ୍ରୟସ୍ଥଳ (ଓଏସ୍)ରେ ରଖାଯାଇଥିବା ସମସ୍ତ ପିଲାଙ୍କ ପାଇଁ ଯତ୍ନ ଯୋଜନା ପ୍ରସ୍ତୁତ ହୋଇନଥିଲା । ଓଏସ୍ ଦ୍ୱାରା ଆଇସିପି ପ୍ରସ୍ତୁତିର ସ୍ଥିତି, ନମୁନା ଜିଲ୍ଲାଗୁଡ଼ିକରେ ଏହି ଯୋଜନାଗୁଡ଼ିକର ସମୀକ୍ଷା (ମୟୁରଭଞ୍ଜ ବ୍ୟତୀତ ଯେଉଁଠାରେ କୌଣସି ଓଏସ୍ ପ୍ରତିଷ୍ଠା କରାଯାଇନାହିଁ) ନିମ୍ନ **ସାରଣୀ 4.6** ରେ ଦର୍ଶାଯାଇଛି:

**ସାରଣୀ 4.6: 2016-21 ମଧ୍ୟରେ ଆଇସିପିର ପ୍ରସ୍ତୁତି ଏବଂ ସମୀକ୍ଷା**

